# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡପଡା, ଜିଲ୍ଲା- ନୟାଗଡ

## ବିଜ୍ଞାପନ

ସଂଖ୍ୟା 2447 / ସୈରାତ, ତା 10.08.2020

**(ଲଘୁ ଖଣିଜ ପଦାର୍ଥ ଦୀର୍ଘ ମିଆଦି ଲିଜ ନିଲାମ ନିମନ୍ତେ)**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଖଣ୍ଡପଡା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ସୈରାତଉତ୍ସ ଗୁଡିକ (ଲଘୁ ଖଣିଜ ପଦାର୍ଥ ଯଥା ପଥର ଓ ବାଲି) ୨୦୨୦-୨୧ ଠାରୁ ୦୫ (ପାଞ୍ଚ) ବର୍ଷ ପାଇଁ ଦୀର୍ଘ ମିଆଦି ସୂତ୍ରେ ଲିଜ୍ ପ୍ରଦାନ କରାଯିବା ନିମନ୍ତେ ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ଭାବେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନ OMMC Rules' 2016 ର Form- M ପୂରଣ କରି ଏହାର ତିନିକିତା ସହ ଅପର ପାର୍ଶ୍ୱରେ ଉଲ୍ଲିଖିତ ଦଲିଲ/ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାଫା (Sealed Cover) ରେ ଆବେଦନ କରିବେ , ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇବେ । ଲଫାଫା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ୍ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଗୋଟିଏ ଲଫାଫାରେ କେବଳ ଗୋଟିଏ ଉତ୍ସ ପାଇଁ ଆବେଦନ କରିବେ । ଏକାଧିକ ଉତ୍ସ ପାଇଁ ଆବେଦନ କରୁଥିଲେ ଅଲଗା ଅଲଗା ଭାବରେ ଆବେଦନ କରି ଲଫାଫା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ୍ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ, ନଚେତ ବିଚାର କରାଯିବ ନାହିଁ । **ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ନାକଚ କରାଯିବ ।** କୌଣସି କାରଣ ବଶତଃ ଲିଜ୍ କୁ ସ୍ଥଗିତ / ପରିବର୍ତ୍ତନ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

**ଲିଜ୍ ଆବେଦନ ପାଇଁ ଦରଖାସ୍ତ (Sealed Tender) ଗ୍ରହଣର ଶେଷ ତାରିଖ.୦୨.୦୯.୨୦୨୦ରିଖ ଅପରାହ୍ନ ୧ ଘଂଟିକା ଅଟେ ।**

ଉକ୍ତ ଦରଖାସ୍ତ ଗୁଡିକ ସେହିଦିନ ଅପରାହ୍ନ ୩ଘ. ୩୦ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ (Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁଷଙ୍ଗିକ କାଗଜାତ / ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ ଲଟେରୀ ମାଧମରେ ସଫଳ ନିଲାମ ଧାରୀ ଚୟନ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇ ନଥାଏ ବା କୌଣସି କାରଣ ବଶତଃ କୌଣସି ଲିଜ୍ ଚୁଡାନ୍ତ ହୋଇନପାରେ ତେବେ **୨ୟ ଥର ପାଇଁ** ତା.୦୭.୦୯.୨୦୨୦ ରିଖ ଏବଂ **୩ୟ ଥର ପାଇଁ** ତା.୧୦.୦୯.୨୦୨୦ରିଖ ଅପରାହ୍ନ ୧ ଘଂଟିକା ମଧ୍ୟରେ ଦରଖାସ୍ତ ଗ୍ରହଣ କରାଯିବ । ସେଗୁଡିକ ସେହିଦିନ ଅପରାହ୍ନ ୩ଘ. ୩୦ମିନିଟ୍ ସମୟରେ ସିଲ୍ଡ ଟେଣ୍ଡର ଖୋଲାଯିବ ଏବଂ ନିଲାମ ବିଧି ଗ୍ରହଣ କରାଯିବ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ / କାଗଜାତ

୧. ଦରଖାସ୍ତ ସହ (ଅଣ ଫେରସ୍ତ) ଟ. ୧,୦୦୦/- (ଏକ ହଜାର) ଙ୍କ। ତହସିଲଦାର, ଖଣ୍ଡପଡାଙ୍କ ନାମେ Treasury Challan ହେବ । (Head of Account No-0853-Non ferrous Mining & Metallurgical Industries-102-Mineral Concession Fees, Rents & Royalties).

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ ବିବରଣୀ ଯଥା- ଖାତା, ପ୍ଲଟ, ରକବା (Land Schedule) ଓ ନକ୍ସା (Quarry Lease Plan).

୩. Odisha Minor Mineral Concession Rules, 2016 ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପଇଠ କରିବାକୁ ନଥିବା ସମ୍ବନ୍ଧିୟ ସତ୍ୟପାଠ ।

୪. ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରୀକୃତ ପରିମାଣ (MGQ) ର ଏକବର୍ଷର ରୟାଲଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ (Offered Additional Charge) ଠାରୁ କମ୍ ହୋଇନଥିବ (Bank Guarantee valid for a period of 18 Months for an amount of not less than the amount of Additional Charge offered plus the Royalty payable; times for the Minimum Guaranteed Quantity (MGQ) for one whole year ).

[Minimum Bank Guarantee Amount = MGQ X (Royalty + Offered Additional charge)]

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମସ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିର ଏକ ତାଲିକା ।

୬. Income Tax Clearance Certificate or an Affidavit stating there in that no income tax pending against the applicant.

୭. ନିଜର ଭୋଟର ପରିଚୟ ପତ୍ର (EPIC) / Aadhaar Card / PAN Card.

୮. Earnest Money Deposit ର ପ୍ରମାଣ ପତ୍ର ଯାହାକି ନୋଟିସ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ (Addl. Charge) ଯୁକ୍ତ ଏକ ବର୍ଷର ରୟାଲିଟ ମୂଲ୍ୟର ଶତକଡା ୫ରୁ କମ୍ ହୋଇନଥିବାର Demand Draft (in favour of Tahasildar, Khandapada payble at UCO Bank, Khandapada Branch) ଦାଖଲ କରିବେ ।

- **ଅସଂପୂର୍ଣ୍ଣ ବା ଆବଶ୍ୟକ କାଗଜାତ ନଥିବା ଦରଖାସ୍ତ ନାକଚ କରାଯିବ ।**
- ସଫଳ ନୀଲାମଧାରୀ ଲିଜ୍ ଏଗ୍ରିମେଣ୍ଟ ପୂର୍ବରୁ ଟ . ୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ରର ସିକ୍ୟୁରିଟ୍ ଡିପୋଜିଟ୍ ଧାରା ୪୨ ଅନୁଯାୟୀ କରିବେ ।
- ବିଜ୍ଞାପନ ପ୍ରକାଶନ ଖର୍ଚ୍ଚ ଯୋଗ୍ୟ ବିବେଚିତ ଲିଜ୍ ଧାରୀ ସମାନୁପାତରେ ବହନ କରିବେ ।
- Mining Plan ପ୍ରସ୍ତୁତି ଖର୍ଚ୍ଚ ଲିଜ୍ ଧାରୀ ବହନ କରିବେ ।
- ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟା ଦେଶ ଦିଆଯିବ, କ୍ଷମତା ସମ୍ପର୍ଣ୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ପଦାର୍ଥ ଉଠାଇପାରିବେ ନାହିଁ । ଏଥିରେ ଖିଲାପ ହେଲେ OMMC Rules ଓ ତତ୍ ସମ୍ବଧୀୟ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

➢ ଯଦି ଉକ୍ତ ବିଜ୍ଞାପନରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସଂପନ୍ନ ଅଧିକାରୀଙ୍କର ରହିଛି । ଅନିବାର୍ଯ୍ୟ କାରଣ ବଶତଃ କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ୍ କରିପାରିବେ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲଦାର ଖଣ୍ଡପଡାଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.nayagarh.nic.in ରେ ଉପଲବ୍ଧ ହେବ ।

ବି: ଦ୍ର- ସୈରାତ ଉତ୍ସ ଗୁଡିକର ସର୍ବଶେଷ ବିବରଣୀ ଏଥି ସହିତ ସଲଗ୍ନ ହୋଇଅଛି ।

ତହସିଲଦାର, ଖଣ୍ଡପଡା

ଜ୍ଞାପକ ସଂ 2448 ତା 10.08.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ନୟାଗଡ/ ଉପ-ଜିଲ୍ଲାପାଳ, ନୟାଗଡ/ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନୟାଗଡଙ୍କ ସଦୟ ଅବଗତି ଏବଂ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡା

ଜ୍ଞାପକ ସଂ 2449 ତା 10.08.2020

ଏହାର ଏକକିତା ନକଲ ଜିଲ୍ଲାସୂଚନା-ବିଜ୍ଞାନ ଅଧିକାରୀ, (ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର) ଜିଲ୍ଲା ୟୁନିଟ, ନୟାଗଡଙ୍କୁ ଜିଲ୍ଲା ୱେବସାଇଟରେ ବ୍ୟାପକ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡା

ଜ୍ଞାପକ ସଂ 2450 ତା 10.08.2020

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡା/ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡା/ ସରପଞ୍ଚ, ସମସ୍ତ ଗ୍ରାମପଞ୍ଚାୟତ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡା

ଜ୍ଞାପକ ସଂ 2451 ତା 10.08.2020

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଖଣ୍ଡପଡା ନୋଟିସ ବୋର୍ଡରେ ବ୍ୟାପକ ପ୍ରସାରଣ ନିମନ୍ତେ ପ୍ରଦର୍ଶନ କରାଗଲା ।

ତହସିଲଦାର, ଖଣ୍ଡପଡା

## ନିଲାମ ପାଇଁ ଥିବା ସୈରାତ ଉତ୍ସ ଗୁଡିକର ସବିଶେଷ ବିବରଣୀ

| Sl. No. | Sairat Case No & year | Name of the Sairat Source/ Mouza | Khata No. | Plot No. | Area | Kissam | Minimum Guaranteed quantity per year | Royalty | Minimum additional charges payable per cubic metre. |
|---|---|---|---|---|---|---|---|---|---|
| 01 | 08/2019-20 | Salajharia Sand Quarry, Salajharia | 198 (AAA) | 850<br>851 | Ac. 4.95<br>Ac.7.00 out of Ac. 7.47<br>Ac.11.95 | "NADI" | 3000 cubic metre | Rs. 35/- | Rs. 25/- |
| 02 | 30/2019-20 | Kiajhar Sand Quarry, Kiajhar | 614 (AAA) | 586<br>1450 | Ac.11.30<br>Ac.0.75 out of Ac.04.86<br>Ac.12.05 | "NADI" | 750 cubic metre | Rs. 35/- | Rs. 25/- |
| 03 | 31/2019-20 | Kumbharapada Sand Quarry, Kumbharapada | 625 (AAA) | 3206<br>3322<br>3728 | Ac.02.57 out of Ac.03.15<br>Ac.03.18<br>Ac.06.30 out of Ac.14.12<br>Ac.12.05 | "NADI" | 2700 cubic metre | Rs. 35/- | Rs. 25/- |
| 04 | 33/2019-20 | Jakala Sand Quarry, Jakala | 421 (AAA) | 1653 | Ac.12.05 out of Ac.14.25 | "NADI" | 2200 cubic metre | Rs. 35/- | Rs. 25/- |
| 05 | 29/2019-20 | Baraganda Stone Quarry, Baraganda | 156 (AAA) | 472 | Ac.02.00 out of Ac.20.19 | "PARBAT-II" | 1500 cubic metre | Rs. 130/- | Rs. 55/- |
| 06 | 36/2019-20 | Singapur Stone Quarry, Singapur | 63 (AAA) | 512<br>513<br>514 | Ac.01.10 out of Ac.05.19<br>Ac.02.60 out of Ac.06.25<br>Ac.02.30 out of Ac.04.14<br>Ac.06.00 | "PAHADA" | 2500 cubic metre | Rs. 130/- | Rs. 55/- |
| 07 | 37/2019-20 | Bedaki Stone Quarry, Bedaki | 159 (AAA) | 1170 | Ac.03.00 out of Ac.12.08 | "PARBAT" | 1700 cubic metre | Rs. 130/- | Rs. 55/- |
| 08 | 32/2019-20 | Kumbharapada Stone Quarry, Kumbharapada | 625 (AAA) | 2664 | Ac.02.65 | "PATHARABANI" | 1600 cubic metre | Rs. 130/- | Rs. 55/- |

ତହସିଲଦାର, ଖଣ୍ଡପଡ଼ା

## ସର୍ତ୍ତାବଳୀ

(୧) ଆବେଦନ କାରି  ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ ଅନ୍ୟ ସମସ୍ତ Amendment Rules ଓ ତତ୍ ସମ୍ବନ୍ଧିୟ ସମସ୍ତ ଆଇନର ପରିସର ଭୁକ୍ତ ରହିବେ ।

(୨) ଲିଜ୍ ଅବଧି Lease agreement ହେବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶଗ୍ରହଣ କରିବେ । ଯେଉଁ  ସୈରାତ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜ୍ ନେଇଥିବା ବ୍ୟକ୍ତି ବିଶେଷ ସୈରାତ ଉତ୍ସ କୁ ଗମନା ଗମନ ର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟୀତ୍ୱରେ କରିବେ ।

(୩) ପ୍ରଚଳିତ ନିୟମାବଳୀ ଅନୁଯାୟୀ Form-M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ (Addl. Charge) କୁ ବିଚାରକୁ ନିଆଯାଇ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କାରୀଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଦରଖାସ୍ତ କାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କ ନାମ ଚୟନ କରାଯିବ ।  ଯଦି କୌଣସି ଦରଖାସ୍ତକାରୀ ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ (Addl. Charge) ରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

(୪) ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ କରାଯାଇଛି ।  ଏଥି ବାବଦକୁ ପ୍ରାପ୍ୟ ଖର୍ଚ୍ଚ ପରିମାଣ ଟଙ୍କା ନୂତନ ସୈରାତ ଉତ୍ସ ରିପୋର୍ଟ ବାବଦକୁ ଖର୍ଚ୍ଚ କରାଯାଇଥିବା ଟଙ୍କା ସଫଳ ନିଲାମଧାରୀ ପଇଠ କରିବେ ।

(୫) ଲିଜରେ ସୈରାତ ପରିଚାଳନା ସମ୍ପର୍କରେ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ  କିମ୍ବା କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୁପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ Modification thereof ଓ ଅନ୍ୟାନ୍ୟ ଆନୁସଙ୍ଗିକ ଆଇନ୍ ଆଧାରରେ ଏହା ପରିଚାଳିତ ହେବ ।

(୬) ଚୟନ ହୋଇଥିବା ଲିଜ୍ ଧାରୀଙ୍କୁ ୭ ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ୍ ଜନିତ ସର୍ତ୍ତାବଳୀ ଜଣାଇଦିଆଯିବ ଏବଂ ଜାଣିବାର ୧୫ ଦିନ ମଧ୍ୟରେ ଚୟନ କାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ ତେବେ ସେ ଲିଖିତ ଭାବରେ ଜଣାଇବେ ଏହା ସହିତ ଚୟନକାରୀ ଏକ ସର୍ବନିମ୍ନ ସ୍ଥିରିକୃତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟୀ ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ପ୍ରଭୃତ୍ତିର ସର୍ବ ମୋଟ ମୂଲ୍ୟ ର ଏକ ଚତୁର୍ଥାଂଶ ଯାହା ହେବ ସେଥିରୁ ପୂର୍ବରୁ ଡ଼ିପୋଜିଟ କରିଥିବା EMD ବିୟୋଗ ପରର ମୂଲ୍ୟ କୁ ଏକତ୍ର ମିଶାଇଲେ ଯେଉଁ ରାଶି ହେବ ତାହା ସୁଧବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

(୭) ଯଦି ସଫଳ ନିଲାମ ଧାରୀ (Successful Bidder) ଉପର ଦର୍ଶିତ ଅନୁଚ୍ଛେଦ ପାରା ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପି କରନ୍ତି ତାହାହେଲେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMD କୁ ବ୍ୟାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ୨ୟ ସର୍ବାଧିକ ଆବେଦନକାରୀଙ୍କ ଲିଜ୍ ପ୍ରଦାନ ପାଇଁ ଚୟନ କରାଯାଇପାରେ । ନୀଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନୀଲାମଧାରୀଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ । ଯଦି ୨ୟ ସର୍ବାଧିକ ଆବେଦନ କାରୀଙ୍କ ମୂଲ୍ୟ ରେ କୌଣସି ସନ୍ଦେହ ହୁଏ ବା ଅନ୍ୟ କୌଣସି କାରଣ ଥାଏ ତେବେ ଅନ୍ୟ କାହାକୁ ନିଲାମ ଦିଆନଯାଇ ପରବର୍ତ୍ତୀ ନିଲାମ ଦିବସରେ ନିଲାମ କରାଯିବ ।

(୮) ସଫଳ ନିଲାମ ଧାରୀ ପରିବେଶ ମଞ୍ଜୁରୀ ସମ୍ବଧୀୟ ଅନୁମତି ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ହାସଲ କରିବେ ।  ଲିଜ୍ ଧାରୀ ପରିବେଶ ମ୍ୟାନେଜ୍ ମେଣ୍ଟ ପ୍ଲାନ ସୁଚାରୁରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

(୯) ସଫଳ ନୀଲାମଧାରୀ ଭାବେ ବିବେଚିତ ହେଲେ ବୋଲି ଜଣାଇଦିଆଯିବା ଦିନଠାରୁ ୩ ମାସ ମଧ୍ୟରେ ଲିଜ୍ ଡିଡ୍ ସମ୍ପାଦନ କରିବେ । ନଚେତ୍ ତାଙ୍କ ନୀଲାମଙ୍କୁ ଖାରଜ କରାଯାଇ ତାଙ୍କ ଅମାନତ ବାଜ୍ୟାପ୍ତ କରାଯିବ । ତା ପୂର୍ବରୁ ସେ ପରିବେଶ ମଞ୍ଜୁରୀ ଓ consent to establish and consent to operate ତ୍ଥା ଅନ୍ୟାନ୍ୟ ମଞ୍ଜୁରି ହାସଲ କରିଥିବେ ।

(୧୦) ବିଜ୍ଞାପନ ସମ୍ପର୍କୀୟ ଆନୁଷଙ୍ଗିକ ଖର୍ଚ୍ଚ ନିର୍ବାଚିତ ନିଲାମ ଧାରୀ ବହନ କରିବେ ।

(୧୧) Mining Plan ରେ ଦର୍ଶଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପରିମାଣ ଯାହାକି Minimum Guaranteed Quantity (MGQ) ଠାରୁ କମ୍ ହୋଇନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ, DMF ଦେୟ, EMF ଦେୟ, Compensatory Afforestation ଦେୟ, Dead Rent ଏବଂ Surface Rent ଏକ ବର୍ଷ ପାଇଁ ଅଗ୍ରୀମ ଲିଜ୍ Dead ସମ୍ପାଦନ ପୂର୍ବରୁ ଏକକାଳୀନ ପଇଠ କରିବେ । ନିୟମ ମୁତବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (State Pollution Control Board) ଠାରୁ Consent to Establish (CTE), Consent to Operate (CTO) ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନୀଲାମଧାରୀ (Successful Bidder) ରେଜିଷ୍ଟ୍ରେସନ ଆକ୍ଟ 1908 ଓ 1999 ଅନୁଯାଇ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ।

(୧୨) ଲିଜ୍ ଧାରୀ ଜମା ରୟାଲିଟି ର ୨% ଅର୍ଥ ଆୟକର ବାବଦକୁ ଦାଖଲ କରିବେ ।

(୧୩) ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ ।

(୧୪) ପ୍ରଚଳିତ ନିୟମ ଅନୁଯାଇ Schedule-I & II ର ଧାର୍ଯ୍ୟ ଦର ଲାଗୁହେବ ଏବଂ ଏହା ସରକାରଙ୍କ ଦ୍ୱାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜଧାରୀ ପରିବର୍ତ୍ତିତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ ତେବେ ତାହା ଦେବାକୁ ବାଧ୍ୟ ହେବେ ।

(୧୫) ଲିଜ ଧାରୀଙ୍କୁ ପ୍ରତିବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ Dead Rent ଏବଂ Surface Rent OMMC Rules, 2016 ଆଧାରରେ ଦେବାକୁ ପଡିବ ।

(୧୬) ଲିଜଧାରୀ ଜଳସିଞ୍ଚନ ଓ ବନୀକରଣ କାର୍ଯ୍ୟକରିବାକୁ ବାଧ୍ୟ ହେବେ ।

(୧୭) ଲିଜଧରି ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ସର୍ତ୍ତାବଳୀ ଓ ତତ୍ ସମ୍ବଧୀୟ ଅନ୍ୟାନ୍ୟ ଆନୁସାଙ୍ଗିକ ନିୟମ ମାନିବା ନିମନ୍ତେ ବାଧ ରହିବେ । ଏଥିରେ ଖିଲାପ ହେଲେ ଆଇନ୍ ଅନୁଯାୟୀକାର୍ଯ୍ୟାନୁଷ୍ଠାନ ହେବ ।

(୧୮) ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ତଥା ଚାଲାଣ ସଙ୍କ୍ରାନ୍ତିୟ ସଠିକ ବିବରଣୀ ତ୍ରୟ ମାସିକ Return Form-P, ଏବଂ ବାର୍ଷିକ Return Form-K, ରେ ତହସିଲଦାର ଖଣ୍ଡପଡାଙ୍କ ଠାରେ ଦାଖଲ କରିବାକୁ ବାଧ୍ୟ ରହିବେ । Form-H ରେ ନିର୍ଦ୍ଧାରିତ ଅଧିକାରୀଙ୍କୁ ଜଣାଇବେ ।

(୧୯) ଲିଜ ଏଗ୍ରିମେଣ୍ଟ ସମ୍ପାଦନ ହେବାଦିନଠାରୁ Quarry Operation କରିବାକୁ ବାଧ୍ୟ ରହିବେ ।

(୨୦) ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବଧୀୟ ଆଦେଶ ଗୁଡିକୁ ଲିଜଧାରୀ ମାନିବାକୁ ବାଧ୍ୟ । କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

(୨୧) ଲିଜଧାରୀ ସୈରାତ ଉତ୍ସ ସୀମା ନକ୍ସା ଅନୁଯାୟୀ ଚାରି ଫୁଟ ର ଢଳେଇ ଖୁଣ୍ଟ (Concrete Pillar) ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହ ନାମ ଲିଜ୍ ଧାରୀଙ୍କ ନାମ ତଥା ସମ୍ପୂର୍ଣ ବିବରଣୀ ସହ ଲିଜର ଅବଧି ଉଲ୍ଲେଖ କରିବେ । ଏହି ସବୁ କାର୍ଯ୍ୟ ଲିଜ୍ ଧାରୀ ନିଜ ଖର୍ଚ୍ଚରେ ବହନ କରିବେ । ଲିଜ୍ ଧାରୀ ନିଜ ଖର୍ଚ୍ଚ ରେ ଲିଜ୍ ଅବଧି ଶେଷ ହେବା ପର୍ଯ୍ୟନ୍ତ ଉକ୍ତ Concrete Pillar & Display Board ର ରକ୍ଷଣା ବେକ୍ଷଣ କରିବେ । ଲିଜ ଧାରୀ ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସର୍ବସାଧାରଣଙ୍କ ଜୀବନ ହାନି ବା କ୍ଷତାକ୍ତ ପାଇଁ ଅବଶ୍ୟକୀୟ କ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

(୨୨) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟା ଦେଶ ଦିଆଯିବ, କ୍ଷମତା ସମ୍ପର୍ଣ୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ । ଏଥିରେ ଖିଲାପ ହେଲେ OMMC Rules ଓ ତତ୍ ସମ୍ବଧୀୟ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

(୨୩) ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସଂପନ୍ନ ଅଧିକାରୀଙ୍କର ରହିଛି । ଅନିବାର୍ଯ୍ୟ କାରଣ ବଶତଃ କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ୍ କରିପାରିବେ ।

(୨୪) ନିଲାମ ଧାରୀ ତାଙ୍କୁ ଦିଆଯାଇଥିବା ପରିସର ବାହାରେ ଖନନ କଲେ ତାହା ଅପ୍ରାଧିକୃତ ଧରାଯିବ ଏବଂ MMDR Act- 1957 ଓ OMMC Rules/ Regulation/ Circular ଇତ୍ୟାଦି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ।

(signature) ୨୦.୮.୨୦୨୦

**ତହସିଲଦାର, ଖଣ୍ଡପଡା**

# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡପଡା, ଜିଲ୍ଲା- ନୟାଗଡ

## ବିଜ୍ଞାପନ

ସଂଖ୍ୟା 2452 / ସୈରାତ, ତା 10.08.2020

**(ଲଘୁ ଖଣିଜ ପଦାର୍ଥ ଦୀର୍ଘ ମିଆଦି ଲିଜ ନିଲାମ ନିମନ୍ତେ)**

ଏତଦ୍ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ନୟାଗଡ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡା ତହସିଲ ଅଧୀନରେ ଥିବା ସୈରାତ ଉତ୍ସ ଗୁଡିକ ୨୦୨୦-୨୧ ଠାରୁ **୦୫(ପାଞ୍ଚ) ବର୍ଷ** ପର୍ଯ୍ୟନ୍ତ ଲିଜ୍ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ସୈରାତ ଉତ୍ସ ଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସ ର ପ୍ରକାର, ମୌଜା ର ନାମ, ପ୍ଲଟ ନମ୍ବର ରକବା, ବ୍ୟାଙ୍କ ଗ୍ୟାରେଣ୍ଟି ଇତ୍ୟାଦି ନୟାଗଡ ଜିଲ୍ଲା ୱେବସାଇଟ www.nayagarh.nic.in ରେ ଉପଲବ୍ଧ ହେବ । ସର୍ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାର, ଖଣ୍ଡପଡା ଙ୍କ କାର୍ଯ୍ୟାଳୟ ସହ ମଧ୍ୟ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ । ଲିଜ୍ ଆବେଦନ ପାଇଁ ଦରଖାସ୍ତ **(Sealed Tender)** ଗ୍ରହଣର ଶେଷ ତାରିଖ ତା.୦୨.୦୯.୨୦୨୦ ରିଖ ଅପରାହ୍ନ ୧ ଘଂଟିକା ଅଟେ ।

[signature] 10.8.2020

ତହସିଲଦାର, ଖଣ୍ଡପଡା